# NATIONAL NEWS BULLETIN (ODIA)

## 29 October - 2024

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟ ନୀତିର ପାଞ୍ଚଟି ସ୍ତମ୍ଭ ଉପରେ ପର୍ଯ୍ୟବେଶିତ ନାଗରୀକ କଲ୍ୟାଣକୁ ପ୍ରାଥମିକତା ଦେଉଛନ୍ତି କେନ୍ଦ୍ର ସରକାର, କହିଲେ ପ୍ରଧାନମନ୍ତ୍ରୀ ।
- ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ବିଧାନସଭା ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ଆଜି ଶେଷ ହେଲା ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ।
- ସ୍ପେନ୍ ଓ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ରହିଛି ବୋଲି କହିଲେ ସ୍ପେନ୍ ରାଷ୍ଟ୍ରପତି ।
- ଅଯୋଧ୍ୟାରେ ଆସନ୍ତାକାଲି ହେବାକୁ ଥିବା ଭବ୍ୟ ଦୀପୋତ୍ସବ ପାଇଁ ପ୍ରସ୍ତୁତି ଜୋର୍‌ଦାର ।

ଏବଂ

- ଅହମ୍ମଦାବାଦ ଦିନିକିଆ ଆନ୍ତର୍ଜାତିକ ମହିଳା କ୍ରିକେଟ୍ ମ୍ୟାଚ୍‌ରେ ଭାରତର ସମ୍ମୁଖରେ ୨୩୩ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ନ୍ୟୁଜିଲାଣ୍ଡ ।

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଦେଶର ନାଗରୀକ ସୁସ୍ଥ ରହିଲେ ପ୍ରଗତି ତ୍ୱରାନ୍ୱିତ ହେବ । ଏହି ଦୃଷ୍ଟିକୋଣ ଆଧାରରେ କେନ୍ଦ୍ର ସରକାର ସ୍ୱାସ୍ଥ୍ୟ ନୀତିର ୫ଟି ସ୍ତମ୍ଭ ଉପରେ ପର୍ଯ୍ୟବେଶିତ ନାଗରୀକ କଲ୍ୟାଣକୁ ପ୍ରାଥମିକତା ପ୍ରଦାନ କରୁଛନ୍ତି । ସେଗୁଡ଼ିକ ହେଲା ପ୍ରତିଷେଧକ ସ୍ୱାସ୍ଥ୍ୟ ସେବା, ସଠିକ୍ ରୋଗ ନିର୍ଣ୍ଣୟ, ସୁଲଭ ଔଷଧ ଏବଂ ଚିକିତ୍ସା, ଉପଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପ୍ରଯୁକ୍ତି ବିଦ୍ୟାର ସମ୍ପ୍ରସାରଣ ।

ଧନନ୍ତ୍ୱରି ଜୟନ୍ତୀ ଏବଂ ନବମ ଆୟୁର୍ବେଦ ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ସ୍ୱାସ୍ଥ୍ୟ କ୍ଷେତ୍ର ସହ ଜଡ଼ିତ ୧୨ ହଜାର ୮୫୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନାର ସମ୍ପ୍ରସାରଣକୁ ଶ୍ରୀ ମୋଦୀ ଶୁଭାରମ୍ଭ କରିଛନ୍ତି । ଏଥିରେ ଦେଶର ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତ ବରିଷ୍ଠ ନାଗରୀକଙ୍କୁ ଅନ୍ତର୍ଭୁକ୍ତ କରାଯିବ ।

ଆୟୁଷ୍ମାନ୍ ଭାରତ ଯୋଜନା ସମ୍ପର୍କରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ଗରିବ ଜନସାଧାରଣ ଏହି ଯୋଜନା

ଅଧୀନରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରୁଛନ୍ତି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖର୍ଚ୍ଚକୁ ହ୍ରାସ କରିବା ଲକ୍ଷ୍ୟରେ ସମଗ୍ର ଦେଶରେ ୧୪ ହଜାରରୁ ଅଧିକ ଜନଔଷଧୀ କେନ୍ଦ୍ର କାର୍ଯ୍ୟକାରୀ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି କେନ୍ଦ୍ର ଗୁଡ଼ିକ ମାଧ୍ୟମରେ ୮୦ ପ୍ରତିଶତ କମ୍ ଖର୍ଚ୍ଚରେ ଔଷଧ ଉପଲବ୍ଧ ହେଉଛି । ସେହିଭଳି ରୋଗ ନିରୂପଣ ଏବଂ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଦେଶରେ ୨ଲକ୍ଷରୁ ଅଧିକ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ମୋଦୀ ଆଜି ଏକାଧିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି । ସେଥିମଧ୍ୟରେ ଦେଶର ପ୍ରଥମ ଅଖିଳ ଭାରତୀୟ ଆୟୁର୍ବେଦ ପ୍ରତିଷ୍ଠାନର ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଭୁକ୍ତ । ଏଥିରେ ପଞ୍ଚକର୍ମ ଡାକ୍ତରଖାନା, କ୍ରୀଡ଼ା ଚିକିତ୍ସା ୟୁନିଟ୍, କେନ୍ଦ୍ରୀୟ ପାଠାଗାର, ଆଇ.ଟି. ଏବଂ ଷ୍ଟାର୍ଟଅପ୍ ଇନ୍‌କ୍ୟୁବେସନ୍ କେନ୍ଦ୍ର ଓ ୫୦୦ ଆସନ ବିଶିଷ୍ଟ ଅଡିଟୋରିୟମ୍ ରହିଛି । ମଧ୍ୟପ୍ରଦେଶର ମନ୍ଦସୋର ନିମୁଜ୍ ଏବଂ ସିଓଲି ଠାରେ ତିନୋଟି ମେଡିକାଲ୍ କଲେଜ୍‌ର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଏଥିସହ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ଶିଳାନ୍ୟାସ ସହ ଜନଔଷଧୀ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି ।

ପ୍ରଧାନମନ୍ତ୍ରୀ ୟୁ-ୱିନ୍ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ଏଥିରେ ଗର୍ଭବତୀ ମହିଳା ଓ ଶିଶୁମାନେ ସମ୍ପୂର୍ଣ୍ଣ ଡିଜିଟାଲ୍ ପ୍ରକ୍ରିୟାରେ

ଟିକାକରଣର ସୁବିଧା ପାଇପାରିବେ । ଏହାଛଡ଼ା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରତିଷ୍ଠାନ ଏବଂ କର୍ମଚାରୀଙ୍କ ପାଇଁ ପ୍ରଧାନମନ୍ତ୍ରୀ ଅନ୍ୟ ଏକ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀ ଠାରେ ଆୟୁର୍ବେଦୀକ ଓ ନେଚରପ୍ୟାଥିକ୍ ହସ୍ପିଟାଲ୍, ବରଗଡ଼ ହସ୍ପିଟାଲ୍ ଠାରେ କ୍ରିଟିକାଲ୍ କେୟାର୍ ବ୍ଲକ୍ ଏବଂ ଭୁବନେଶ୍ୱରର ଗୋଠପାଟଣାରେ ଏକ କେନ୍ଦ୍ରୀୟ ଔଷଧ ପରୀକ୍ଷାଗାରର ଉଦ୍‌ଘାଟନ କରିଛନ୍ତି ।

# ନାମାଙ୍କନପତ୍ର

ଝାଡ଼ଖଣ୍ଡ ବିଧାନସଭା ଦ୍ୱିତୀୟ ପର୍ଯ୍ୟାୟ ଏବଂ ମହାରାଷ୍ଟ୍ର ବିଧାନସଭା ଏକକ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆଜି ଶେଷ ହୋଇଛି । ଆସନ୍ତା ମାସ ୨୦ ତାରିଖରେ ମତଗ୍ରହଣ କରାଯିବ ।

ଝାଡ଼ଖଣ୍ଡରେ ଦ୍ୱିତୀୟ ପର୍ଯ୍ୟାୟରେ ୩୮ଟି ବିଧାନସଭା ଆସନ ପାଇଁ ମତଗ୍ରହଣ କରାଯିବ । ନାମାଙ୍କନପତ୍ର ଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଆସନ୍ତାକାଲି ଅନୁଷ୍ଠିତ ହେବ । ନଭେମ୍ବର ପହିଲା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି । ଅନ୍ୟ ପକ୍ଷରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ୬୨ଟି ନାମାଙ୍କନପତ୍ରକୁ ନାକଚ କରାଯାଇଛି ।

ଏହି ପର୍ଯ୍ୟାୟ ପାଇଁ ଦାଖଲ ହୋଇଥିବା ୮୦୫ଟି ନାମାଙ୍କନପତ୍ର ମଧ୍ୟରୁ ଏବେ ୭୪୩ଟି ବୈଧ ରହିଛି । ଆସନ୍ତାକାଲି ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟସୀମା ଧାର୍ଯ୍ୟ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୪୩ଟି ବିଧାନସଭା ମଣ୍ଡଳୀ ପାଇଁ ଆସନ୍ତାମାସ ୧୩ ତାରିଖରେ ମତଗ୍ରହଣ କରାଯିବ । ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ନିମନ୍ତେ ଘୋଷଣା ହେବା ପରେ ୮୬ କୋଟି ୩୨ ଲକ୍ଷରୁ ଅଧିକ ଟଙ୍କା ସମେତ ବିଭିନ୍ନ ବେଆଇନ ସାମଗ୍ରୀ ଜବତ କରାଯାଇଛି । ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗରେ ଏ ପର୍ଯ୍ୟନ୍ତ ୨୦ଟି ମାମଲା ଦାଏର କରାଯାଇଥିବା ସୂଚନା ମିଳିଛି ।

ମହାରାଷ୍ଟ୍ର ବିଧାନସଭା ପାଇଁ ଆଜି ନାମାଙ୍କନପତ୍ର ଦାଖଲର ଶେଷ ଦିବସରେ ପ୍ରାର୍ଥୀଙ୍କର ଭିଡ଼ ଦେଖିବାକୁ ମିଳିଥିଲା । ମୁମ୍ବାଇ ସମ୍ବାଦଦାତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମହାରାଷ୍ଟ୍ର ବିଜେପି ଶାଖା ମୁଖ୍ୟ ଚନ୍ଦ୍ର ଶେଖର ବାୱନକୁଲେ କାମଥି ଏବଂ ହେମନ୍ତ ରସାନେ କାଶବାପେଠ୍ ବିଧାନସଭା ଆସନରୁ ଆଜି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିଭଳି ସକୋଲି ଆସନ ପାଇଁ କଂଗ୍ରେସ ରାଜ୍ୟଶାଖା ସଭାପତି ନାନା ପାଟୋଲେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଶିବସେନାର ମନିଶା ୱାଇକର୍ ପୂର୍ବ ଯୋଗେଶ୍ୱରୀ ଆସନରୁ, ସଂଜୟ ଶୀର୍ଷକ ପଶ୍ଚିମ ଛତ୍ରପତି ସମ୍ଭାଜୀ ନଗର ଆସନରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି । ବିଜେପି ପକ୍ଷରୁ ଆଜି ଦୁଇ ଜଣଙ୍କ ପ୍ରାର୍ଥୀତ୍ୱକୁ ନେଇ ଏବଂ ଶରଦ ପାୱାର୍

ଏନ୍.ସି.ପି. ଦଳ ପକ୍ଷରୁ ୫ ଜଣଙ୍କ ପ୍ରାର୍ଥୀତ୍ୱକୁ ନେଇ ତାଲିକା ପ୍ରକାଶ ପାଇଥିଲା । ସେହି ପ୍ରାର୍ଥୀମାନେ ମଧ୍ୟ ଆଜି ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି ।

## ସ୍ପେନ୍-ଇଣ୍ଡି

ସ୍ପେନ୍ ଏବଂ ଭାରତ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ରହିଛି ଏବଂ ଦୁଇ ଦେଶ ମିଳିତ ଭାବେ ଏକ ଅଧିକ ସ୍ଥାୟୀ ଭବିଷ୍ୟତ ଦିଗରେ ଅଗ୍ରଗତି କରିପାରିବେ ବୋଲି ସ୍ପେନ୍ ରାଷ୍ଟ୍ରପତି ପେଡ୍ରୋ ସାଞ୍ଚେଜ୍ କହିଛନ୍ତି । ମୁମ୍ବାଇରେ ଚତୁର୍ଥ ସ୍ପେନ୍ ଭାରତ ଫୋରମ୍‌କୁ ଆଜି ଉଦ୍‌ଘାଟନ କରି ଶ୍ରୀ ସାଞ୍ଚେଜ୍ କହିଛନ୍ତି, ଦୁଇଦେଶ ଅଧିକ ବ୍ୟବସାୟ, ପୁଞ୍ଜିନିବେଶ, ସହଯୋଗ ବୃଦ୍ଧି ଆଦି କ୍ଷେତ୍ରରେ ସମ୍ପର୍କକୁ ସୁଦୃଢ଼ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଦୁଇ ଦେଶ ମଧ୍ୟରେ ପାରସ୍ପରିକ ବୁଝାମଣା, ଅର୍ଥନୈତିକ ଏବଂ ବାଣିଜ୍ୟିକ ସମ୍ପର୍କର ଶକ୍ତି ଉପରେ ଆଧାରିତ । ମାନବିକ ଅଧିକାର ସୁରକ୍ଷା କ୍ଷେତ୍ରରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ଡଇଜିଟାଲ ଟେକ୍ନୋଲୋଜି ଏବଂ କୃତ୍ରିମ ବୁଦ୍ଧିମତା ଦ୍ୱାରା ସୃଷ୍ଟ ଆହ୍ୱାନକୁ ମୁକାବିଲା କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନେଇ ଆନ୍ତର୍ଜାତିକ ସହଯୋଗ ଉପରେ ଶ୍ରୀ ସାଞ୍ଚେଜ୍ ଗୁରୁତ୍ୱାରୋପ କରିଛନ୍ତି । ଚତୁର୍ଥ ସ୍ପେନ୍ ଭାରତ ଫୋରମ୍‌ର ଶୀର୍ଷକ ରହିଥିଲା "ଭୂ ରାଜନୈତିକ ଏବଂ ବୈଷୟିକ ଆହ୍ୱାନ ମଧ୍ୟରେ ସ୍ପେନ୍-ଭାରତ ଭାଗିଦାରୀ, ନୂତନ ଦିଗନ୍ତ, ନୂତନ

ସମ୍ଭାବନା” । ଅବଜର୍ଭର ରିସର୍ଚ୍ଚ ଫାଉଣ୍ଡେସନ୍ ଏବଂ ସ୍ୱେନ୍-ଇଣ୍ଡିଆ କାଉନ୍ସିଲ୍ ଫାଉଣ୍ଡେସନ୍‌ର ମିଳିତ ସହଯୋଗରେ ଏହି ଫୋରମ୍‌ର ଆୟୋଜନ କରାଯାଇଥିଲା ।

## ଅଯୋଧ୍ୟା ଦୀପୋତ୍ସବ

ଦୀପାବଳୀ ଅବସରରେ ଭଗବାନ ରାମଙ୍କ ନଗରୀ ଅଯୋଧ୍ୟାରେ ଭବ୍ୟ ଦୀପୋତ୍ସବ ଦେଖିବାକୁ ମିଳିବ । ଏକ କାର୍ଯ୍ୟକ୍ରମରେ ଆଜି ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଏହି ଦୀପାବଳୀ ଐତିହାସିକ ହେବ । ଅଯୋଧ୍ୟାରେ ଭଗବାନ ଶ୍ରୀରାମଙ୍କ ମନ୍ଦିର ହଜାର ହଜାର ଦୀପରେ ଆଲୋକିତ ହେବ, ଯାହାକି ଉତ୍ସବକୁ ଅଭୁତପୂର୍ବ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସମସ୍ତେ ଦୀପାବଳୀକୁ ପାଳନ କରିବା ସହ ନିଜ ଘରେ ଦୀପଜାଳିବାକୁ ଅନୁରୋଧ କରିଛନ୍ତି ।

ଅନ୍ୟ ପକ୍ଷରେ ଅଯୋଧ୍ୟାରେ ଆସନ୍ତାକାଲି ହେବାକୁ ଥିବା ଭବ୍ୟ ଦୀପୋତ୍ସବ ପାଇଁ ଜୋରଦାର୍ ପ୍ରସ୍ତୁତି ଚାଲିଛି । ନୂଆ ବିଶ୍ୱ ରେକର୍ଡ ସ୍ଥାପନ ଲକ୍ଷ୍ୟରେ ସରଯୂ ନଦୀ ଘାଟରେ ମୋଟ୍ ୨୮ ଲକ୍ଷ ଦୀପ ଜାଳିବାର ବ୍ୟବସ୍ଥା ହୋଇଛି । ସମଗ୍ର ଅଯୋଧ୍ୟାରେ ୩୫ ଲକ୍ଷରୁ ଅଧିକ ଦୀପ ପ୍ରଜ୍ୱଳନ କରାଯିବା ପାଇଁ ପଦକ୍ଷେପ ନିଆଯାଉଛି । ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଘାଟରେ ୫ଟି କଣ୍ଟ୍ରୋଲ୍‌ରୁମ୍ ଖୋଲା ଯାଇଛି । ଗିନିସ୍ ୱାର୍ଲ୍ଡ ରେକର୍ଡ ଟିମ୍‌ର ପରାମର୍ଶଦାତା ଏବଂ ଅବଧ ବିଶ୍ୱବିଦ୍ୟାଳୟର

ଗଣନା କମିଟି ସଦସ୍ୟଙ୍କ ନେତୃତ୍ୱରେ ୩୦ ଜଣିଆ ଦଳ ୫୫ଟି ଘାଟରେ ସଜାଯାଇଥିବା ଦୀପ ଗୁଡ଼ିକର ଗଣନା କରିସାରିଛନ୍ତି । ରାମପଥରେ ଆସନ୍ତାକାଲି ହେବାକୁ ଥିବା ଶୋଭାଯାତ୍ରାର ପ୍ରସ୍ତୁତି ମଧ୍ୟ ଶେଷ ହୋଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଦେଶବିଦେଶରୁ କଳାକାରମାନଙ୍କୁ ଆମନ୍ତ୍ରଣ କରାଯାଇଛି । ଦୀପୋତ୍ସବ ପାଳନ ଅବସରରେ ୧୧ଶହରୁ ଅଧିକ ପୂଜକ ସରଯୂ ଆରତୀରେ ଯୋଗଦେବେ ।

# ହିଜ୍‌ବୁଲ୍ଲା ନ୍ୟୁ ଚିଫ୍

ହିଜ୍‌ବୁଲ୍ଲାର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ନାଇମ୍ କାସେମ୍ ନୂତନ ମୁଖ୍ୟ ଭାବେ ଘୋଷିତ ହୋଇଛନ୍ତି । ୭୧ ବର୍ଷୀୟ କାସେମ୍ ୧୯୯୧ ମସିହାରୁ ଲେବାନନ୍ ଗୋଷ୍ଠୀର ଡେପୁଟି ସେକ୍ରେଟେରୀ ଜେନେରାଲ୍ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଇସ୍ରାଏଲ୍ ବୋମା ବିସ୍ଫୋରଣରେ ନିହତ ହୋଇଥିବା ହାସନ ନସରୁଲ୍ଲାଙ୍କ ସ୍ଥାନରେ କାସେମ୍ ଦାୟିତ୍ୱ ନିର୍ବାହ କରିବେ ।

ସୂଚନା ଯୋଗ୍ୟ ୧୯୯୭ ଅକ୍ଟୋବର ମାସରେ ଆମେରିକାର ବୈଦେଶିକ ବିଭାଗ ହିଜ୍‌ବୁଲ୍ଲାକୁ ବିଦେଶୀ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା । ୟୁରୋପୀୟ ସଂଘ, ଆରବ ଲିଗ୍ ଏବଂ ଉପସାଗରୀୟ ସହଯୋଗ ପରିଷଦ ସମେତ ୬୦ରୁ ଅଧିକ ଦେଶ ଏବଂ ସଂଗଠନ ହିଜବୁଲ୍ଲାକୁ ଆତଙ୍କବାଦୀ ଗୋଷ୍ଠୀ ଭାବେ ଘୋଷଣା କରିଛନ୍ତି ।

## ବାଂଲାଦେଶ-ପାର୍ଟିସ୍ ୱିଥ୍ଡ୍ର

ବାଂଲାଦେଶରେ ଆୱାମି ଲିଗ୍ ଓ ଜାତୀୟ ପାର୍ଟି ସମେତ ୧୧ଟି ଦଳର ରାଜନୈତିକ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଲଗାଇବା ସଂକ୍ରାନ୍ତ ଆବେଦନ ଆଜି ପ୍ରତ୍ୟାହୃତ ହୋଇଛି । ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଦେଶର ଦଶମ, ଏକାଦଶ ଓ ଦ୍ୱାଦଶ ଜାତୀୟ ନିର୍ବାଚନକୁ ବେଆଇନ୍ ଘୋଷଣା କରିବା ସଂକ୍ରାନ୍ତ ଏହି ଆବେଦନକୁ ଆଜି ହାଇକୋର୍ଟ୍ ଖାରଜ କରିଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ମାମଲା ପ୍ରତ୍ୟାହାର ସଂକ୍ରାନ୍ତ ପ୍ରାର୍ଥନା ପରେ କୋର୍ଟ୍ ଏହି ନିଷ୍ପତ୍ତି ନେଇଛନ୍ତି । ଆୱାମୀ ଲିଗ୍, ଜାତୀୟ ପାର୍ଟି (ଏରଶାଦ୍) ସମେତ ୧୧ଟି ରାଜନୈତିକ ଦଳ ଦେଶରେ ସେମାନଙ୍କର ରାଜନୈତିକ କାର୍ଯ୍ୟକଳାପ ପୂର୍ବଭଳି ଜାରି ରଖିପାରିବେ ।

## କ୍ରିକେଟ୍

ଭାରତ-ନ୍ୟୁଜିଲାଣ୍ଡ ମହିଳା ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ସିରିଜ୍‌ର ତୃତୀୟ ତଥା ଅନ୍ତିମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଜାରି ରହିଛି । ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନ୍ୟୁଜିଲାଣ୍ଡ ସମସ୍ତ ୱିକେଟ୍ ହରାଇ ୨୩୨ରନ୍ ସଂଗ୍ରହ କରିଥିଲା ।

୨୩୩ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତର ବ୍ୟାଟିଂ ଜାରି ରହିଛି । ସମ୍ବାଦଟି ପ୍ରସ୍ତୁତ ହେବା ବେଳକୁ ଭାରତ ୨୫ ଓଭରରେ ୨ଓ୍ୱିକେଟ୍ ହରାଇ ୧୧୨ରନ୍ ସଂଗ୍ରହ କରିଛି । ଏହି ତିନିଟିକିଆ ସିରିଜ୍‌ରେ ଦୁଇ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ସମାନ ସ୍ତରରେ ରହିଛନ୍ତି ।